NATIONAL HEALTH MISSION
राष्ट्रीय स्वास्थ्य मिशन

THE CHALLENGE INITIATIVE
HEALTHY CITIES INDIA

## ସହରାଞ୍ଚଳ ଆଶାକୁ ସକ୍ଷମ କରିବା




# ସହରାଞ୍ଚଳର ଆଶା ଦ୍ୱାରା ପରିବାର ନିୟୋଜନ ସେବାର ବ୍ୟବହାରକୁ କିପରି ପ୍ରୋତ୍ସାହିତ କରାଯାଇ ପାରିବ

## ଲକ୍ଷ୍ୟ

ଅତି ପଛୁଆ ବର୍ଗ ଏବଂ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଜନସଂଖ୍ୟା ମଧ୍ୟରେ ପରିବାର ନିୟୋଜନ ସେବାର ପ୍ରସାର ସୁଗମ କରାଇବାରେ ଆଶାର ଭୂମିକାକୁ ଶକ୍ତିଶାଳୀ କରିବା ଦିଗରେ ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ସହାୟତା ପ୍ରଦାନ କରିବା ।

## କାହା ପାଇଁ ଉଦ୍ଦିଷ୍ଟ

- ମୁଖ୍ୟ ମେଡିକାଲ ଏବଂ ସ୍ୱାସ୍ଥ୍ୟ ଅଫିସର (ସିଡିଏମ୍ଓ/ ସିଏମ୍ଏଚ୍ଓ/ ସିଏମ୍ଓ)
- ନୋଡାଲ ଅଧିକାରୀ;- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ
- ନୋଡାଲ ଅଧିକାରୀ:- ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର
- ଜିଲ୍ଲା ପ୍ରକଳ୍ପ ପରିଚାଳକବୃନ୍ଦ
- ଗୋଷ୍ଠୀ ପ୍ରକ୍ରିୟା ପରିଚାଳକବୃନ୍ଦ
- ସହରାଞ୍ଚଳ ଆଶା ଫାସିଲିଟେଟର
- ବେସରକାରୀ ସଂଗଠନ/ ଅନ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସହଯୋଗୀ


JOHNS HOPKINS BLOOMBERG SCHOOL of PUBLIC HEALTH | Bill & Melinda Gates Institute for Population and Reproductive Health | USAID FROM THE AMERICAN PEOPLE | Maternal and Child Survival Program | psi India

# ପୃଷ୍ଠଭୂମି

ସହରାଞ୍ଚଳ 'ଆଶା' କର୍ମୀମାନେ ଗୋଷ୍ଠୀ ସ୍ତରରେ ସେବାପ୍ରଦାନକାରୀ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ବିଶେଷ କରି ଏମାନେ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ପରିବାର ନିୟୋଜନ ସେବା ଇତ୍ୟାଦି ପହଞ୍ଚାଇବାର ପଥକୁ ସୁଗମ କରିବା ସହ ରୋକାଯାଇପାରୁଥିବା ଶିଶୁ ଏବଂ ମାତୃମୃତ୍ୟୁ କମାଇବାରେ ଏମାନଙ୍କ ଭୂମିକା ବେଶ ପ୍ରଶଂସନୀୟ। ନିକଟ ଅତୀତରେ ଏମାନେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ଅଧୀନରେ ନୂଆ କରି ଯୋଗଦାନ କରିଛନ୍ତି।

ଗ୍ରାମାଞ୍ଚଳ ଆଶା ପରି ସହରାଞ୍ଚଳ ଆଶା ମଧ୍ୟ ସହରୀ ଗରିବ ଏବଂ ସ୍ୱାସ୍ଥ୍ୟ ସେବା ମଧ୍ୟରେ ଏକ ସେତୁ ପରି କାମ କରନ୍ତି। ଗ୍ରାମାଞ୍ଚଳ 'ଆଶା' ପରି ସହରାଞ୍ଚଳ ଆଶା ଘରକୁ ଘର ବୁଲି  ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଏବଂ ପରାମର୍ଶ ଦେଇଥାଆନ୍ତି। ସେମାନଙ୍କୁ ମଧ୍ୟ ସହରାଞ୍ଚଳର ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସ, ମହିଳା ଆରୋଗ୍ୟ ସମିତିର ମାସିକ ବୈଠକକୁ (ଯାହା ସ୍ୱାସ୍ଥ୍ୟ ସଚେତନତା ଏବଂ ସେବାକୁ ପ୍ରୋତ୍ସାହିତ କରିବା ପାଇଁ ଗୋଷ୍ଠୀର ବୈଠକ) ପରିଚାଳନା କରିବାରେ ସହାୟତା ପ୍ରଦାନ କରିବାକୁ ହୋଇଥାଏ। ('ଆଶା'ର କାମର ପରିଧି ଜାଣିବାକୁ ହେଲେ ସହରାଞ୍ଚଳରେ 'ଆଶା' ତାଲିମ ପୁସ୍ତିକାର ଭାଗ ୧ ପୃଷ୍ଠା ୭ ରୁ ୧୩ ଯାଏ ଦେଖନ୍ତୁ)। ପରିବାର ନିୟୋଜନ ସେବାରେ ସେମାନଙ୍କ ଭୂମିକା କଣ ତାହା ବକ୍ସରେ ପ୍ରଦାନ କରାଯାଇଛି।

### ପରିବାର ନିୟୋଜନ କାମରେ 'ଆଶା'ଙ୍କର ଭୂମିକା

1. ପରିବାର ଅନୁଯାୟୀ ସନ୍ତାନ ଉତ୍ପାଦନକ୍ଷମ ଯୋଗ୍ୟ ଦମ୍ପତିଙ୍କ ତଥ୍ୟ ଅର୍ବାନ୍ ହେଲ୍‌ଥ ଇଣ୍ଡେକ୍ସ ରେଜିଷ୍ଟରରେ (କେବଳ ଉତ୍ତରପ୍ରଦେଶରେ) କିମ୍ବା ସେହିପରି ଅନ୍ୟ ରାଜ୍ୟରେ ପ୍ରଚଳିତ ଥିବା ରେଜିଷ୍ଟରରେ ଲେଖାଯିବା ଦରକାର
2. ପ୍ରସବ ପରେ ପରେ ଦମ୍ପତିଙ୍କ ଘରକୁ ଯାଇ ପରିବାର ନିୟୋଜନ ବିଷୟରେ ବୁଝାଇବା ଦରକାର
3. ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ବିଷୟରେ ଲୋକଙ୍କୁ ସୂଚନା ଏବଂ ପରାମର୍ଶ ଦେବା ସହିତ ଗର୍ଭନିରୋଧକ ବଟିକା ଏବଂ କଣ୍ଡୋମ୍ ଇତ୍ୟାଦିକୁ ବ୍ୟବହାର କରିବାକୁ ଚାହୁଁଥିବା ଦମ୍ପତିଙ୍କ ପାଖରେ ପହଞ୍ଚାଇବା
4. ଶ୍ରେଷ୍ଠ ପରିବାର ନିୟୋଜନ ପଦ୍ଧତି (ଗର୍ଭନିରୋଧକ ସେବା) ଚୟନ କରିବାରେ ଦମ୍ପତିଙ୍କୁ ସାହାଯ୍ୟ କରିବା ସହ ଦମ୍ପତି ମାନେ ଯେପରି ଆବଶ୍ୟକୀୟ ସର୍ବୋ ମ ଗର୍ଭନିରୋଧକ ସହଜରେ ପାଇ ପାରିବେ ତାହା ନିଶ୍ଚିତ କରିବା

*For detailed roles and responsibilities of ASHA, refer to: http://nrhm.gov.in/images/pdf/communitization/asha/ASHA_Induction_Module_English.pdf - section 1 - page nos. 7 to 13.*

# ଦୃଷ୍ଟାନ୍ତମୂଳକ ପ୍ରମାଣ

**Contacts by ASHAs with women/eligible couples increase referrals for FP services and the number of new contraceptive users.**



ଅର୍ବାନ ହେଲ୍‌ଥ ଇନିସିଏଟିଭିସ ଦ୍ୱାରା ହୋଇଥିବା ଶେଷ ପର୍ଯ୍ୟାୟ ମୂଲ୍ୟାୟନ ଶେଷରେ ମିଳିଥିବା ତଥ୍ୟ ଅନୁଯାୟୀ  ପ୍ରାୟ ୬୫ % ମହିଳା ମାନେ ଆଶା ସହ ପରିବାର ନିୟୋଜନ ବିଷୟରେ କଥା ହୋଇଥିଲେ ଏବଂ ୪୦% ମହିଳା ପ୍ରସବର ୧ ୨ ମାସ ମଧ୍ୟରେ ଆଶା ସହିତ କଥା ହୋଇଥିଲେ।

‘ଆଶା’ ଯେତେବେଳେ ବି ମହିଳା କିମ୍ବା ସନ୍ତାନ ଉତ୍ପାଦନକ୍ଷମ ଦମ୍ପତିମାନଙ୍କ ସହ ପରିବାର ନିୟୋଜନକୁ ନେଇ ଆଲୋଚନା କରନ୍ତି, ସେତେବେଳେ ପରିବାର ନିୟୋଜନ ସେବା ପାଇଁ ରେଫରାଲର ସଂଖ୍ୟା ବଢିବା ସଙ୍ଗେ ସଙ୍ଗେ ନୂତନ ଗର୍ଭନିରୋଧକ ବ୍ୟବହାରକାରୀ ଆପଣା ଛାଏଁ ତିଆରି ହୋଇଥା’ନ୍ତି ।

ଅର୍ବାନ ହେଲ୍‌ଥ ଇନିସିଏଟିଭସ୍‌ର ଅଭିଜ୍ଞତା ଅନୁଯାୟୀ ‘ଆଶା’ମାନେ ନିଜ ନିଜ ଅଞ୍ଚଳରେ ସବୁବେଳେ ଗ୍ରହଣୀୟ ହୋଇଥାନ୍ତି ଏବଂ ପରିବାର ନିୟୋଜନ ଓ ଅନ୍ୟ ସେବାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥା’ନ୍ତି । ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଗୋଷ୍ଠୀ ମଧ୍ୟରେ ସେମାନେ ଏକ ସେତୁ ଭଳି କାମ କରିଥା’ନ୍ତି । ସେମାନେ ଯେ କେବଳ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ପରାମର୍ଶ ପ୍ରଦାନ କରନ୍ତି ତାହା ନୁହେଁ, ବରଂ ଆବଶ୍ୟକ ପଡ଼ିଲେ ସ୍ୱାସ୍ଥ୍ୟ ସେବା ଆବଶ୍ୟକ କରୁଥିବା ମହିଳାଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ ଯାଇଥାଆନ୍ତି ।

ଏତଦ୍ ବ୍ୟତୀତ ଯେଉଁ ମହିଳା ମାନେ ‘ଆଶା’ଙ୍କୁ ଭେଟନ୍ତି ଏବଂ ପରିବାର ନିୟୋଜନ ବିଷୟରେ କଥାବା । କରନ୍ତି, ସେମାନେ ଗର୍ଭନିରୋଧର ନୂଆ ବ୍ୟବହାରକାରୀ ପାଲଟି ଯାଆନ୍ତି ।

ଯଦିଓ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ‘ଆଶା’ମାନଙ୍କର ଉପସ୍ଥିତି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବାକୁ ନିଆଯାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପି ମଧ୍ୟରୁ ଗୋଟିଏ, ତେବେ ଏ ଯାଏ ମିଳିଥିବା ଫଳାଫଳରୁ ସେମାନଙ୍କର ଯୋଗଦାନକୁ ବେଶ୍ ଗୁରୁତ୍ୱର ସହ ବୁଝିହୁଏ ।

## ପରିବାର ନିୟୋଜନ ପ୍ରୋତ୍ସାହକ ଭାବରେ ସହରାଞ୍ଚଳ ‘ଆଶା’ଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ମାର୍ଗଦର୍ଶନ



### ପରିବାର ନିୟୋଜନ ପାଇଁ ସବିଶେଷ ଓ ସ୍ୱତନ୍ତ୍ର ତାଲିମ

ଯଦିଓ ଏ ବିଷୟରେ ‘ଆଶା’ ମାନଙ୍କୁ ମୌଳିକ ତାଲିମ ଦିଆଯାଇଛି, ତେବେ ଏହି ତାଲିମ କେବଳ ଗୋଟିଏ ଅଧିବେଶନ ମଧ୍ୟରେ ସୀମିତ ଥିଲା । ଗୋଷ୍ଠୀକୁ ଗୁଣାତ୍ମକ ପରିବାର ନିୟୋଜନ ସେବା ଯୋଗାଇଦେବାକୁ ହେଲେ ‘ଆଶା’ଙ୍କୁ ଅଧିକ ସବିଶେଷ ଏବଂ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ଅଛି । ଏଣୁ ‘ଆଶା’ ପାଇଁ ପରିବାର ନିୟୋଜନ ଏବଂ ସବିଶେଷ ସୂଚନା ଥାଇ ପରିବାର ନିୟୋଜନର ପଦ୍ଧତି ଉପରେ ପରାମର୍ଶ ଆଦି ବିଷୟ ଉପରେ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ।



### ଜବ୍ ଏଡ୍ସ୍

ପରିବାର ନିୟୋଜନ ଉପରେ ଆଶାକୁ ଜବ୍ ଏଡ୍ସ୍ ଦେଲେ ସେ ଗୃହ ପରିଦର୍ଶନ ସମୟରେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ସନ୍ତାନ ଉତ୍ପାଦନକ୍ଷମ ଦମ୍ପତିଙ୍କ ସହ ଯୋଗାଯୋଗ କରିବାକୁ ସକ୍ଷମ ହେବ ।



### ସ୍ଥାନୀୟ ଏ.ଏନ୍.ଏମ୍. ଦ୍ୱାରା ‘ଆଶା’ ମାନଙ୍କୁ ସହାୟତାପୂର୍ଣ୍ଣ ପର୍ଯ୍ୟବେକ୍ଷଣ ଏବଂ ଦିଗ୍‌ଦର୍ଶନ

‘ଆଶା’ କାମ କରୁଥିବା ଅଞ୍ଚଳର ଲୋକମାନଙ୍କର ପରିବାର ନିୟୋଜନର ଆବଶ୍ୟକତାକୁ ସୂଚାରୁ ରୂପେ ପାଳନ କରିବା ପାଇଁ ‘ଆଶା’ଙ୍କୁ ଉପଯୁକ୍ତ ଦକ୍ଷତାର ସହ ପ୍ରସ୍ତୁତ କରିବା ଦିଗରେ ସହରାଞ୍ଚଳ ‘ଆଶା’ମାନଙ୍କର ତାଲିମ କେବଳ ପ୍ରଥମ ପଦକ୍ଷେପ ମାତ୍ର । ଦାୟିତ୍ୱରେ ଥିବା ବେଳେ ନିୟମିତ ତାଲିମ, ଦିଗ୍‌ଦର୍ଶନ ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ଦ୍ୱାରା ‘ଆଶା’ ତା’ର ତାଲିମକୁ କାମରେ ଲଗାଇପାରେ ।

‘ଆଶା’ଙ୍କୁ ଦିଗ୍‌ଦର୍ଶନ ଏବଂ ସହାୟତାପୂର୍ଣ୍ଣ ପର୍ଯ୍ୟବେକ୍ଷଣ ବିଷୟରେ ଆଶା ଫାସିଲିଟେଟରଙ୍କ ହ୍ୟାଣ୍ଡବୁକ୍‌ରେ ଉଲ୍ଲେଖ ଅଛି । ଏଥିରେ ପର୍ଯ୍ୟବେକ୍ଷଣ କରୁଥିବା ସୁପରଭାଇଜରଙ୍କ ମତାମତ ନିମନ୍ତେ ଏକ ଚେକ୍‌ଲିଷ୍ଟ ଅଛି । ‘ଆଶା’ ସୁଗମକାରୀଙ୍କ ପାଇଁ ଜିଲ୍ଲା ‘ଆଶା’ ସମ୍ବଳ କେନ୍ଦ୍ର ଗୁଜୁରାଟ ସଂଲଗ୍ନକ-୧ ଏବଂ ସଂଲଗ୍ନକ-୨ ପୃଷ୍ଠା ୮ ରୁ ୧୦ ଦେଖନ୍ତୁ.

http://nhm.gov.in/images/pdf/communitisation/asha/Handbook_for_ASHA_Facilitators.pdf




### ‘ଆଶା’ଙ୍କ ପାଇଁ ପ୍ରଶଂସା ଓ ପୁରସ୍କାର

ଯେଉଁ ‘ଆଶା’ ମାନେ ପରିବାର ନିୟୋଜନ କ୍ଷେତ୍ରରେ ଭଲ କାମ କରୁଛନ୍ତି, ସେମାନଙ୍କ କାମର ପ୍ରଶଂସା କରାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବା ଦରକାର । ଏହା ଦ୍ୱାରା ‘ଆଶା’ମାନଙ୍କର ଉତ୍ସାହ ବୃଦ୍ଧି ହେବା ସହ ପରିବାର ନିୟୋଜନ ହେବା ସମୟରେ ବାଦ୍ ପଡୁଥିବା ପରିବାର ବର୍ଗକୁ ଏହା ଧରି ରଖିବାରେ ସହାୟତା ହେବ ।

# ‘ଆଶା’ ତାଲିମର ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ

- ସର୍ବାଧିକ ଅପହଞ୍ଚ ଏବଂ ଅସୁବିଧା ଅଞ୍ଚଳରେ ଥିବା ଜନସଂଖ୍ୟାର ଘରଗୁଡିକୁ ମ୍ୟାପ୍ ମାଧ୍ୟମରେ ଦର୍ଶାଇବା ଏବଂ ଏହାର ଏକ ତାଲିକା ପ୍ରସ୍ତୁତ କରିବା (ଟିସିଆଇଏଚସି ର ମ୍ୟାପ୍ ଏବଂ ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ଅନୁଶୀଳନ କରନ୍ତୁ)
- ସର୍ବାଧିକ ସେବା ଆବଶ୍ୟକ କରୁଥିବା ମହିଳା ଏବଂ ଦମ୍ପତିଙ୍କର ଘର ଗୁଡିକୁ ପ୍ରାଥମିକତା ଭିତ୍ତିରେ ପରିଦର୍ଶନରେ ଯିବା
- ଆଧୁନିକ ଗର୍ଭନିରୋଧକ ପଦ୍ଧତି ବିଷୟରେ ସଂପୂର୍ଣ୍ଣ ଧାରଣା ରଖିବା
- ପରିବାର ନିୟୋଜନ ପଦ୍ଧତିକୁ ନୂଆ କରି ବ୍ୟବହାର କରୁଥିବା ବ୍ୟକ୍ତି ମାନଙ୍କୁ ପରିବାର ନିୟୋଜନ ବିଷୟରେ ସୂଚନା ଏବଂ ପରାମର୍ଶ ପ୍ରଦାନ କରିବା ଏବଂ ତାହା ସହିତ ପଦ୍ଧତିର ନିୟମିତତା ଏବଂ ଆବଶ୍ୟକ ପଡିଲେ ପଦ୍ଧତିର ପରିବ ର୍ନ ପାଇଁ ଦମ୍ପତିଙ୍କୁ ପ୍ରୋତ୍ସାହିତ କରିବା (ଆନ୍ତଃ ବ୍ୟକ୍ତିଗତ ଯୋଗାଯୋଗ ଏବଂ ପଦ୍ଧତି ବିଶେଷାଙ୍କ ତାଲିମକୁ ନେଇ ପ୍ରସ୍ତୁତ ପାୱାରପଏଣ୍ଟକୁ ଦେଖନ୍ତୁ)
- ଗର୍ଭନିରୋଧକ ବ୍ୟବହାର କରୁଥିବା ଲୋକମାନେ ଯେପରି ଏହାକୁ ବଜାୟ ରଖିବେ ଏବଂ ଅଧାରୁ ବାଦ୍ ପଡୁଥିବା ବ୍ୟକ୍ତିମାନଙ୍କୁ ଯେପରି ଧରି ରଖାଯାଇ ପାରିବ, ତାହା ନିଶ୍ଚିତ କରିବା
- ପାର୍ଶ୍ୱ ପ୍ରତିକ୍ରିୟା ଏବଂ ବ୍ୟବହାର ଜନିତ ଜଟିଳତାକୁ ଯେପରି ଫଲୋଅପ୍ କରାଯାଇ ପାରିବ, ତାହା ପ୍ରତି ଧ୍ୟାନ ଦେବା
- ଗୋଷ୍ଠୀର ଲୋକମାନଙ୍କୁ ୟୁଏଚ୍ଏନ୍ଡି ଏବଂ ଆଉଟରିଚ୍ କ୍ୟାମ୍ପକୁ ଆସିବା ପାଇଁ ପ୍ରୋତ୍ସାହିତ କରିବା
- ମହିଳା ଆରୋଗ୍ୟ ସମିତି ତିଆରି କରିବା, ଏହାର ପରିଚାଳନା କରିବା ଏବଂ ଏହାକୁ ସହାୟତା କରିବା
- ରେକର୍ଡ ରଖିବାରେ ସହାୟତା କରିବା



# ‘ଆଶା’ଙ୍କ ପାଇଁ ଜବ୍ ଏଡ୍

- ପଦ୍ଧତି ଭିତ୍ତିରେ କାଉନସେଲିଂ କାର୍ଡ
- ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ ଏବଂ ଏହାର ଉ ର
- ଯେଉଁଠାରେ ପରିବାର ନିୟୋଜନ ସେବା ପ୍ରଦାନ କରାଯାଉଛି ତାହାର ତାଲିକା
- ଡିସ୍ପ୍ଲେ କିଟ୍ ଦ୍ୱାରା ମିଳୁଥିବା ବିଭିନ୍ନ ଗର୍ଭ ନିରୋଧକ ପଦ୍ଧତି ସଂପର୍କରେ ସୂଚେଇଦେବା

ନିମ୍ନଲିଖିତ ଲିଙ୍କ୍‌ରେ ଦିଆଯାଇଥିବା ସୂଚନା ସମ୍ବନ୍ଧୀୟ ଉପକରଣଙ୍କୁ ଆବଶ୍ୟକ ସ୍ଥଳେ ବ୍ୟବହାର କରନ୍ତୁ http://www.iecrmncha.in/node/102



# 'ଆଶା'ଙ୍କ ସଶକ୍ତୀକରଣ ଦିଗରେ ଭୂମିକା ଓ ଦାୟିତ୍ୱ

## ସିଏମ୍‌ଏଚ୍‌ଓ/ ସିଡିଏମ୍‌ଓ/ ସିଏମ୍‌ଓ

- ଆବଶ୍ୟକୀୟ ନୀତି ନିୟମ ଅନୁଯାୟୀ 'ଆଶା'ମାନଙ୍କୁ ବାଛିବା ଏବଂ ସେମାନଙ୍କୁ ସ୍ଥାନ ଦେବା
- 'ଆଶା'ମାନଙ୍କର ତାଲିମ ପାଇଁ ଅର୍ଥ ବ୍ୟବସ୍ଥା କରିବା ଏବଂ ପିଆଇପି ଜରିଆରେ ସେମାନଙ୍କର କାମକୁ ସୁଗମିତ କରିବା (ଟିସିଆଇଏଚ୍‌ସିର ପିଆଇପି ଟୁଲ୍‌କୁ ଦେଖନ୍ତୁ)
- ପରିବାର ନିୟୋଜନ ଉପରେ ଉପଯୁକ୍ତ ଦକ୍ଷତା ଏବଂ ଅଭିଜ୍ଞତା ଥିବା ବ୍ୟକ୍ତିମାନଙ୍କୁ 'ଆଶା'ମାନଙ୍କର ତାଲିମ ପାଇଁ ବାଛିବା ଏବଂ ସେମାନଙ୍କୁ କାମରେ ଲଗାଇବା (ରାଜ୍ୟରେ ତାଲିମ ପାଇଁ ଯୋଜନା କଲାବେଳେ ଯେଉଁମାନଙ୍କୁ ମାଷ୍ଟର ତାଲିମଦାତା ରୂପେ ଗ୍ରହଣ କରାଯିବ, ତାହାର ତାଲିକାକୁ ଦେଖନ୍ତୁ)
- ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ ଅନ୍ୟ ସହଯୋଗୀକୁ ସାମିଲ କରି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସାମିଲ କରି 'ଆଶା'ଙ୍କ ଭୂମିକା ନିର୍ବାହ କରିବାରେ ସହାୟତା କରିବା
- କାର୍ଯ୍ୟକ୍ରମ ଏବଂ ଅର୍ଥ ସମ୍ବନ୍ଧୀୟ ପ୍ରଗତିକୁ ମଝିରେ ମଝିରେ ସମୀକ୍ଷା କରିବା, ଖାସ୍ କରି ପରିବାର ନିୟୋଜନରେ 'ଆଶା'ଙ୍କ ଭୂମିକା କ'ଣ ତାହା ଜାଣିନେବା

## ନୋଡାଲ୍ ଅଧିକାରୀ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ

- ପରିବାର ନିୟୋଜନ ଉପରେ ତାଲିମଦାତାମାନଙ୍କ ପାଇଁ ତାଲିମ ଆୟୋଜନ କରିବା
- 'ଆଶା'ମାନଙ୍କ ପାଇଁ ପରିବାର ନିୟୋଜନ ଉପରେ ଅନ୍ୟାନ୍ୟ ତାଲିମ କାର୍ଯ୍ୟକ୍ରମ (ମୁଖ୍ୟ ତାଲିମ ଛଡା ଓ ଆବଶ୍ୟକତା ଭିତ୍ତିରେ) ଆୟୋଜନ କରିବା
- ପରିବାର ନିୟୋଜନ ଜବ୍ ଏଡ୍, ଶିକ୍ଷା ସୂଚନା ଏବଂ ଯୋଗାଯୋଗ ଉପକରଣ, ପରିବାର ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଏବଂ ଉପକରଣ ଯୋଗାଇଦେବା
- 'ଆଶା'ମାନଙ୍କ ପାଇଁ ସହାୟତାପୂର୍ଣ୍ଣ ପର୍ଯ୍ୟବେକ୍ଷଣ କରିବା
- ଭଲ କାମ କରୁଥିବା ଆଶାଙ୍କୁ ଚିହ୍ନଟ କରିବା ଏବଂ ତାଙ୍କୁ ପୁରସ୍କାର ପ୍ରଦାନ କରିବା

## ଜିଲା କାର୍ଯ୍ୟକ୍ରମ ପରିଚାଳକ

- ସିଡିଏମ୍‌ଓ/ ସିଏମ୍‌ଏଚ୍‌ଓ/ ସିଏମ୍‌ଓଙ୍କୁ ଆଶା କାର୍ଯ୍ୟକ୍ରମ ପାଇଁ ବଜେଟ୍ ପ୍ରସ୍ତୁତିରେ ସହାୟତା କରିବା
- ଆଶା କାର୍ଯ୍ୟକ୍ରମ ପାଇଁ କୌଶଳ ନିର୍ଦ୍ଧାରଣ କରି ଏହାକୁ କାର୍ଯ୍ୟରେ ଲଗାଇବା

## ଜିଲା ଗୋଷ୍ଠୀ ପ୍ରକ୍ରିୟା ବା କମ୍ୟୁନିଟି ପ୍ରୋସେସ୍ ପରିଚାଳକ

- 'ଆଶା'ମାନଙ୍କୁ ବାଛିବା ଏବଂ ତାଙ୍କୁ କାମରେ ଲଗାଇବା
- ପରିବାର ନିୟୋଜନ ପଦ୍ଧତି ଉପରେ 'ଆଶା'ମାନଙ୍କର ଦକ୍ଷତା ବୃଦ୍ଧି
- ଲୁପ୍ତମୁଖୀ ଜନସଂଖ୍ୟାକୁ ଚିହ୍ନଟ କରିବାରେ ସହାୟତା ପ୍ରଦାନ କରିବା (ଟିସିଆଏଚସିର ମ୍ୟାପ୍ ପ୍ରସ୍ତୁତି ଏବଂ ତାଲିକା ପ୍ରସ୍ତୁତି ପ୍ରଣାଳୀ ଦେଖନ୍ତୁ)
- ଭାରପ୍ରାପ୍ତ ମେଡିକାଲ ଅଫିସରଙ୍କର ସହାୟତାରେ ପରିବାର ନିୟୋଜନ ଉପରେ ଆଶାର ପ୍ରଦର୍ଶନର ସମୀକ୍ଷା କରାଯିବା ସୁନିଶ୍ଚିତ କରନ୍ତୁ

## ଭାରପ୍ରାପ୍ତ ମେଡିକାଲ ଅଧିକାରୀ - ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

- ପରିବାର ନିୟୋଜନ ଜବ୍ ଏଡ୍, ଶିକ୍ଷା ସୂଚନା ଏବଂ ଯୋଗାଯୋଗ ଉପକରଣ, ପରିବାର ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ଦ୍ରବ୍ୟ ଏବଂ ଉପକରଣ ଯୋଗାଇଦେବା
- ୟୁଏଚ୍‌ଏନ୍‌ଡି ଏବଂ ଆଉଟ୍‌ରିଚ୍ କ୍ୟାମ୍ପ ପାଇଁ ରୋଷ୍ଟର ଏବଂ ସପ୍ଲାଇ ସୁନିଶ୍ଚିତ କରିବା
- ନିୟମିତ ପର୍ଯ୍ୟବେକ୍ଷଣ ସହ ପରିବାର ନିୟୋଜନ ଉପରେ 'ଆଶା'ଙ୍କ ପ୍ରଦର୍ଶନର ସମୀକ୍ଷା କରାଯିବା ସହ ଏହାର ନିୟମିତତାକୁ ସୁନିଶ୍ଚିତ କରାନ୍ତୁ
- ନିଧାର୍ଯ୍ୟ ଦିବସ ଅନୁଯାୟୀ ସ୍ଥିରୀକୃତ ସେବା ବିଷୟରେ 'ଆଶା'ଙ୍କୁ ଜଣାନ୍ତୁ
- ପୂର୍ବ ନିର୍ଦ୍ଧାରିତ ସ ାବଳୀ ଏବଂ ନିୟମ ଅନୁସାରେ ଆଶାକୁ ନିର୍ଦ୍ଧାରିତ ସମୟରେ ପ୍ରେତ୍ସାହନ ରାଶି ପ୍ରଦାନ କରନ୍ତୁ

## ଏ.ଏନ୍.ଏମ୍. ('ଆଶା' ଫାସିଲିଟେଟର)

- 'ଆଶା'କୁ ଦିଗ୍‌ଦର୍ଶନ ଦେବା ସହ ସହଯୋଗୀ ତଦାରଖରେ ସହାୟତା କରନ୍ତୁ
- ପରିବାର ନିୟୋଜନ ସାମଗ୍ରୀ ଯେପରି ଠିକ୍ ସମୟରେ ଆଶା ପାଖରେ ରହିବ, ତାହାର ତାଲିକା ଆଗରୁ ପ୍ରସ୍ତୁତ କରିବା ସହ ସମୟ ଅନୁସାରେ ପରିବାର ନିୟୋଜନ ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟବସ୍ଥା କରନ୍ତୁ
- ନିଧାର୍ଯ୍ୟ ଦିବସ ଅନୁଯାୟୀ ସ୍ଥିରୀକୃତ ସେବାର ତାଲିକା ବିଷୟରେ 'ଆଶା'କୁ ଜଣାନ୍ତୁ
- 'ଆଶା' କିପରି ନିଧାର୍ଯ୍ୟ ଜିନିଷ ଏବଂ ଉପକରଣ ଯଥା ସମୟରେ ପାଇବ, ତାହା ନିଶ୍ଚିତ କରାନ୍ତୁ
- 'ଆଶା'ଙ୍କ ପାଖରୁ ପରିବାର ନିୟୋଜନ ସମ୍ପର୍କିତ ତଥ୍ୟ ଆଣି ତାହାର ଏକତ୍ରୀକରଣ କରାନ୍ତୁ

## ନୂଆ 'ଆଶା' ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା

ମାସର ସମସ୍ତ ପାଉଣା ପାଇବା ପାଇଁ ଆବଶ୍ୟକୀୟ କାଗଜପତ୍ରକୁ ଆଶା ପ୍ରସ୍ତୁତ କରିବା ଦରକାର (ପୂର୍ବମାସ ପାଇଁ ଚଳିତ ମାସର ୧-୪ ତାରିଖ ମଧ୍ୟରେ)

ବ୍ଲକ୍ ସ୍ତରୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏହି ସବୁ ଫର୍ମକୁ ସଂଗ୍ରହ କରି କମ୍ପ୍ୟୁଟରରେ ଏହାକୁ ତତ୍କାଳ ଭର୍ତ୍ତି କରି ଆଶାକୁ ପ୍ରାପ୍ତିସ୍ୱୀକାର ରସିଦ୍‌ର ପ୍ରିଣ୍ଟ୍‌ଆଉଟ୍ ଦେବେ। ସମସ୍ତ ସ୍ଥିରୀକୃତ ସହାୟତା ରାଶି ପାଇଁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। (ପୂର୍ବମାସ ପାଇଁ ଚଳିତମାସ ୫ରୁ ୧୨ ମଧ୍ୟରେ)

ଦେୟ ଜନିତ କାଗଜପତ୍ରର ପ୍ରାପ୍ତି ସ୍ୱୀକାର କରି ଏସ୍‌ଏମ୍‌ଏସ୍ ମାଧ୍ୟମରେ 'ଆଶା'ଙ୍କୁ ସୂଚନା

ଜମା ଦିଆଯାଇଥିବା କାଗଜପତ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କର ଅନୁମୋଦନ (ପୂର୍ବମାସ ପାଇଁ ଚଳିତ ମାସର ୧୩ରୁ ୨୨ ତାରିଖ ମଧ୍ୟରେ)

ଆବଶ୍ୟକୀୟ କାଗଜପତ୍ର ଅନୁମୋଦିତ ହେଲା ପରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ 'ଆଶା'ଙ୍କୁ ସୂଚନା

ପିଏଫ୍‌ଏମ୍‌ଏସ୍ କିମ୍ବା ସିପିଏସ୍‌ଏମ୍‌ଏସ୍ ପୋର୍ଟାଲକୁ ବ୍ୟବହାର କରି 'ଆଶା'ର ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ

ଅର୍ଥ ପ୍ରଦାନ ହେଲାପରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ 'ଆଶା'ଙ୍କୁ ସୂଚନା

## ପ୍ରଦର୍ଶନର ତଦାରଖ ଏବଂ ଫଳାଫଳ

ଏଏନ୍‌ଏମ୍, 'ଆଶା' ସୁଗମକାରୀ, ଡିସିଏମ୍ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ ସଂଯୋଜକମାନେ 'ଆଶା'ଙ୍କୁ ଏକ ପୂର୍ବ ନିର୍ଦ୍ଦିଷ୍ଟ ସୂଚକାଙ୍କରେ ନିୟମିତ ପର୍ଯ୍ୟବେକ୍ଷଣ କରିବା ଉଚିତ। ପୂର୍ବରୁ ସେମାନେ ଯେଉଁ ମୁଖ୍ୟ କାମ ସବୁ କରିଛନ୍ତି ତାହାର ମଧ୍ୟ ପର୍ଯ୍ୟବେକ୍ଷଣ ହେବା ଆବଶ୍ୟକ। ଏଚ୍‌ଏମ୍‌ଆଇଏସ୍, 'ଆଶା' ରେଜିଷ୍ଟାର, ଆଶା ଫାସିଲିଟେଟରଙ୍କ ରିପୋର୍ଟ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରିପୋର୍ଟରୁ ଏହି ତଥ୍ୟ ମିଳିପାରିବ। ସାଧାରଣତଃ ଏଥିରେ ନିମ୍ନଲିଖିତ ତଥ୍ୟ ସବୁ ଥାଏ ।

- ଧାର୍ଯ୍ୟ କରାଯାଇଥିବା 'ଆଶା'ଙ୍କ ସ୍ଥାନରେ କେତେ ଜଣ ଆଶା ଅଛନ୍ତି
- ମୋଟ 'ଆଶା'ଙ୍କ ମଧ୍ୟରୁ କେତେଜଣ ତାଲିମ ନେଇଛନ୍ତି
- ପରିବାର ନିୟୋଜନ ଉପରେ କେତେ 'ଆଶା' ଅତିରିକ୍ତ ତାଲିମ ନେଇଛନ୍ତି
- 'ଆଶା'ଙ୍କ ପାଇଁ ଧାର୍ଯ୍ୟ ମାସିକ ବୈଠକ ମଧ୍ୟରୁ କେତୋଟି ଅନୁଷ୍ଠିତ ହୋଇଛି
- ମୋଟ 'ଆଶା' ସଂଖ୍ୟାର କେତେ ପ୍ରତିଶତ ସହାୟତାପୂର୍ଣ୍ଣ ଦିଗ୍‌ଦର୍ଶନ ପାଇଛନ୍ତି
- 'ଆଶା'ଙ୍କ ଠାରୁ କେତେଜଣ ସନ୍ତାନ ଉତ୍ପାଦନକ୍ଷମ ଦମ୍ପତି ସେବା ପାଇଛନ୍ତି
- ଅନୁଷ୍ଠାନରେ ହୋଇଥିବା ପ୍ରସବ ସଂଖ୍ୟା
- ପ୍ରସବ ପରେ ପରେ ପରିବାର ନିୟୋଜନ ସେବା ନେଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଏବଂ ପ୍ରତିଶତ
- ପ୍ରସବ ପାଇଁ ଆଶାଙ୍କ ସହିତ ଯାଇଥିବା ଗର୍ଭବତୀ ମହିଳାଙ୍କ ସଂଖ୍ୟା
- ଆଶାଙ୍କ ଦ୍ୱାରା ନୂଆ ପରିବାର ନିୟୋଜନ ପାଇଁ ବିଭିନ୍ନ ପଦ୍ଧତି ନୂଆ କରି ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା
- ଉଭୟ କଣ୍ଡୋମ୍ ଏବଂ ଗର୍ଭ ନିରୋଧକ ବଟିକା ରଖିଥିବା 'ଆଶା'ଙ୍କ ପ୍ରତିଶତ

- ପରିବାର ନିୟୋଜନର ପ୍ରଦର୍ଶନ ଏବଂ ଅନ୍ୟ ଆନୁଷଙ୍ଗିକ ବିଷୟରେ ଆଲୋଚନା ହୋଇଥିବା ‘ଆଶା’ ବୈଠକର ସଂଖ୍ୟା
- ସନ୍ତାନ ପ୍ରଜନନକ୍ଷମ ଏବଂ ଗର୍ଭବତୀ ମହିଳାଙ୍କୁ ଅଗ୍ରାଧିକାର ଭିିରେ ସେମାନଙ୍କ ଘରେ ଭେଟିବା ପାଇଁ ଯୋଜନା କରିଥିବା ‘ଆଶା’ଙ୍କର ପ୍ରତିଶତ
- ‘ଆଶା’ ପରିଦର୍ଶନରେ ଯାଇଥିବା ଅତି ପଛୁଆ ବର୍ଗ ଏବଂ ଲୁପ୍ତମୁଖୀ ବର୍ଗର ଘରର ପ୍ରତିଶତ

ଏସବୁ ବ୍ୟତୀତ କ୍ଷେତ୍ର ପରିଦର୍ଶନ ସମୟରେ ଏହା ଦେଖିବା ଦରକାର ଯେ ‘ଆଶା’ମାନେ ଉପଯୁକ୍ତ ଜବ୍ ଏଡ୍ ଏବଂ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକରଣ ପାଇଛନ୍ତି ନା ନାହିଁ, ଯଦି ପାଇଛନ୍ତି ଏହାକୁ ସନ୍ତାନ ଜନ୍ମ ପାଇଁ ଉପଯୁକ୍ତ ଦମ୍ପତିଙ୍କୁ ବାଣ୍ଟିଛନ୍ତି ନା ନାହିଁ।

ଏହି ସବୁ ସୂଚକାଙ୍କକୁ ସିଡିଏମ୍ଓ/ ସିଏମ୍ଓ ଏବଂ ସହରାଞ୍ଚଳ ମାସିକ ବୈଠକରେ ମଧ୍ୟ ତଦାରଖ କରାଯାଇପାରିବ। ଏହି ବୈଠକସବୁ, ତଥ୍ୟର ଆଦାନ ପ୍ରଦାନରେ ସହାୟତା କରିବା ସହ ଏହି ତଥ୍ୟର ସଠିକତା ନିରୂପଣ କରିବାରେ ସହାୟତା କରନ୍ତି। ଏହା ଅନେକ ପରିମାଣରେ ‘ଆଶା’ଙ୍କ ପ୍ରଦର୍ଶନ ଏବଂ ସମସ୍ୟା ସମାଧାନରେ ସହାୟତା କରିଥାଏ।

## ବ୍ୟୟ ବରାଦ

ପରିବାର ନିୟୋଜନ କାର୍ଯ୍ୟକ୍ରମରେ ସହାୟତା କରିବା ପାଇଁ ‘ଆଶା’ମାନଙ୍କର ଦକ୍ଷତା ବୃଦ୍ଧି କରିବା ଦିଗରେ ନିମ୍ନଲିଖିତ ବଜେଟ୍ ବ୍ୟବସ୍ଥା କରାଯାଇଛି। ଯଦି ଏ ଦିଗରେ କୌଣସି ବ୍ୟୟ ବରାଦ ନାହିଁ ତେବେ ଅତିରିକ୍ତ ପି.ଆଇ.ପି.ରେ କିମ୍ବା ଆଗାମୀ ବର୍ଷର ପି.ଆଇ.ପି.ରେ ଏ ନେଇ ବ୍ୟବସ୍ଥା କରାଯାଇପାରିବ। (ଟିସିଆଇଏଚସିର ପିଆଇପି ଟୁଲ)।

ଦିଆଯାଇଥିବା ଟେବୁଲଟିରେ ସରକାରୀ ପିଆଇପିରେ କିଭଳି ବ୍ୟୟବରାଦ କରାଯାଏ ତାହା ଦର୍ଶାଯାଇଛି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବାକୁ ଯାଇ କିପରି ବ୍ୟୟ ବରାଦ କରାଯାଏ ତାହା ଏଠାରେ ଦର୍ଶାଯାଇଛି। ଏଠାରେ ସହରାଂଚଳ ଆଶାକୁ ଉଦାହରଣ ଭାବେ ନିଆଯାଇଛି।

| ବ୍ୟୟ ବରାଦ | ଏଫଏମଆର କୋଡ |
|---|---|
| ପ୍ରଶିକ୍ଷକଙ୍କ ନିମନ୍ତେ ପ୍ରଶିକ୍ଷଣ (‘ଆଶା’ମାନଙ୍କର ପରିବାର ନିୟୋଜନ ବିଷୟବସ୍ତୁ ସଂକ୍ରାନ୍ତ ପର୍ଯ୍ୟାନୁକ୍ରମିକ ତାଲିମ କାର୍ଯ୍ୟକ୍ରମ) | ୯.୫.୨୨.୧ |
| ଆଶା କର୍ମୀମାନଙ୍କ ନିମନ୍ତେ ପରିବାର ନିୟୋଜନ ସଂକ୍ରାନ୍ତ ଅତିରିକ୍ତ ତାଲିମ | ୟୁ.୩.୧୨ ଏବଂ ୟୁ.୩.୧.୩ |
| ଜବ୍ ଏଡ୍ସ୍ ଏବଂ ଆଇ.ଇ.ସି. ସାମଗ୍ରୀ | ୧୧.୬.୧, ୧୧.୬.୩; ୧୧.୬.୪; ୧୧.୬.୫; ୧୧.୬.୬; ୧୨.୩.୪ |
| ପରିବାର ନିୟୋଜନ ସାମଗ୍ରୀ ଏବଂ ଏହାର ଯୋଗାଣ ଓ ବିତରଣ | ୟୁ.୬.୨.୪.୧ ରୁ ୟୁ.୬.୨.୪.୩ |
| ଆଶା କର୍ମୀମାନଙ୍କ ନିମନ୍ତେ ପରିବାର ନିୟୋଜନ ପ୍ରୋତ୍ସାହନ ରାଶି | ୟୁ.୩.୧.୧.୧ ରୁ ୟୁ.୩.୧.୧.୩ |
| ଆଶା କର୍ମୀମାନଙ୍କୁ ସ୍ୱୀକୃତି ଓ ପୁରସ୍କାର ପ୍ରଦାନ ନିମନ୍ତେ ବଜେଟ | ୩.୨.୩.୩ |
| ନୂଆ ଗର୍ଭନିରୋଧକ ଉପରେ ଆଶା କର୍ମୀମାନଙ୍କ ତାଲିମ ଓ ସମୀକ୍ଷା (ଯାହା ପ୍ରଯୁଜ୍ୟ), ପୋଷ୍ଟ-ପାର୍ଟମ୍ ଓ ଗର୍ଭପାତପରବର୍ତ୍ତୀ ପରିବାର ନିୟୋଜନ ପଦ୍ଧତି, ଆଶାମାନଙ୍କ ଦ୍ୱାରା ଘରକୁ ଘର ବୁଲି ଗର୍ଭନିରୋଧକ ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ, ସନ୍ତାନ ଜନ୍ମ ମଧ୍ୟରେ ବ୍ୟବଧାନ ରକ୍ଷା, ପ୍ରଯୁଜ୍ୟ ସ୍ଥଳେ ଗର୍ଭ ପରୀକ୍ଷା କିଟ୍ (ପି.ଟି.କେ.)। | ୩.୧.୨.୫ *(ପାଣ୍ଠି ଉତ୍ସ: ଏନ୍.ଏଚ୍.ଏମ୍. ପି.ଆଇ.ପି. ୨୦୧୮-୧୯)* |

## ନିରନ୍ତରତା

ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍‌ରେ ‘ଆଶା’ କାର୍ଯ୍ୟକ୍ରମ ଜାରି ରହିବ। ମାତ୍ର ‘ଆଶା’ମାନଙ୍କର ଦକ୍ଷତା ବୃଦ୍ଧି କରଯାଇ ପରିବାର ନିୟୋଜନ ସେବାରେ ସେମାନଙ୍କୁ ନିରନ୍ତର ନିୟୋଜିତ କରି ରଖିବାକୁ ହେଲେ ସିଏମ୍ଏଚ୍ଓ/ ସିଡିଏମ୍ଓ/ ଏବଂ ସିଏମ୍ଓ ମାନଙ୍କୁ ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ‘ଆଶା’ମାନଙ୍କର ନିଯୁକ୍ତି, ତାଲିମ୍ ଓ ପର୍ଯ୍ୟବେକ୍ଷଣ ନିମନ୍ତେ ବ୍ୟୟ ବରାଦ ପିଆଇପିରେ ସ୍ଥାନ ପାଉ। ପୁଣି ‘ଆଶା’ମାନଙ୍କର କାମର ମୂଲ୍ୟାୟନ କରିବା ସହ ଭଲ କାମ କରୁଥିବା ‘ଆଶା’ମାନଙ୍କୁ ପୁରସ୍କାର ଦେବାର ବ୍ୟବସ୍ଥା କଲେ ସେମାନେ ଅଧିକ ଉତ୍ସାହିତ ହେବେ।



## ଉପଲବ୍ଧ ସମ୍ବଳ

- ସହରାଞ୍ଚଳରେ ଥିବା 'ଆଶା'ମାନଙ୍କ ନିମନ୍ତେ ତାଲିମ ପୁସ୍ତିକା ଇଂରାଜୀ ଭାଗ ୧ ପୃଷ୍ଠା ୭ ରୁ ୧୩
- ସହରାଞ୍ଚଳରେ ଥିବା 'ଆଶା'ମାନଙ୍କ ନିମନ୍ତେ ତାଲିମ ପୁସ୍ତିକା ହିନ୍ଦୀ
- ଆଶା ଫାସିଲିଟେଟର ବା ସୁଗମକାରୀଙ୍କ ପାଇଁ ମାର୍ଗଦର୍ଶିକା, ଜିଲ୍ଲା ଆଶା ସାଧନ କେନ୍ଦ୍ର-ଗୁଜରାଟ ସଂଲଗ୍ନକ ୧ ଓ ୨ ପୃଷ୍ଠା ୮ ରୁ ୧୦
- ଆଶା ସହାୟତା ବ୍ୟବସ୍ଥା ପାଇଁ ଫ୍ଲୋ ଚାର୍ଟ
- ଆନ୍ତଃବ୍ୟକ୍ତିଗତ ଯୋଗାଯୋଗ ପାଇଁ ତାଲିମ ମଡ୍ୟୁଲ୍
- ଅନ୍ୟ ରାଜ୍ୟରେ ମାଷ୍ଟର ତାଲିମଦାତା ହେବା ପାଇଁ ଉପଲବ୍ଧ ଥିବା ଉପଯୋଗୀ ମାଷ୍ଟର ତାଲିମଦାତାଙ୍କର ତାଲିକା ଯାହା ତାଲିମ ପାଇଁ ଯୋଜନା କଲା ବେଳେ ଆବଶ୍ୟକ
- ଜବ ଏଡ୍ସ http://www.iecrm-ncha.in /node/102
- ପଦ୍ଧତି ବିଶେଷର ତାଲିମ୍ ପିପିଟି
- ପଦ୍ଧତି ବିଶେଷର କାଉନସେଲିଂ କାର୍ଡ୍ସ
- ବାରମ୍ବାର ପଚାରାଯାଉଥିବା ପ୍ରଶ୍ନ ଆଉ ତାହାର ଉ ର
- ଗର୍ଭ ନିରୋଧକର ପ୍ରଦର୍ଶନ କିଟ୍
- ଗର୍ଭ ଜାଣିବା ପାଇଁ ସ୍କ୍ରିନିଂ ଚେକ୍ ଲିଷ୍ଟ
- ଇଫେକ୍‌ଟିଭ୍‌ନେସ୍ ଚାର୍ଟ
- ଆନ୍ତଃବ୍ୟକ୍ତିଗତ ଯୋଗାଯୋଗ କୌଶଳର ଗୁଣାତ୍ମକ ମୂଲ୍ୟବୃଦ୍ଧି ଉପକରଣ
- ଚିଜି ସେଗ୍‌ମେଣ୍ଟେସନ୍ ମ୍ୟାଟ୍ରିକ୍ସ
- ପରିବାର ନିୟୋଜନ ଉପରେ ଚଳଚିତ୍ର ହିନ୍ଦୀରେ
- ଅର୍ବାନ ହେଲ୍‌ଥ ଇଣ୍ଡେକ୍ସ ରେଜିଷ୍ଟର
- ଆରଓପି ୨୦୧୬-୧୭ ଏନଏଚଏମ-ୟୁପି
- ଟି.ସି.ଆଇ.ଏଚ୍.ସି. ମ୍ୟାପିଂ ଏବଂ ଲିଷ୍ଟିଂ ଟୁଲ
- ଟି.ସି.ଆଇ.ଏଚ୍.ସି. ପି.ଆଇ.ପି. ଟୁଲ

ସ୍ୱୀକାରୋକ୍ତି:-
ଏହି ଲେଖାଟି ଅର୍ବାନ ହେଲ୍‌ଥ ଇନିସିଏଟିଭ୍‌ସ( ବିଏମଜିଏଫ ଦ୍ୱାରା ସହାୟତାପ୍ରାପ୍ତ), ହେଲ୍‌ଥ୍ ଅଫ୍ ଦ ଅର୍ବାନ୍ ପୁଅର(ୟୁଏସ୍‌ଏଡ୍ ଦ୍ୱାରା ସହାୟତାପ୍ରାପ୍ତ) ଏବଂ ଏକ୍ସପାଣ୍ଡେଡ ଆକ୍‌ସେସ ଏଣ୍ଡ କ୍ୱାଲିଟି ଟୁ ବ୍ରଡେନ୍ ମେଥଡ ଚଏସ୍ ଇନ ଉ ର ପ୍ରଦେଶ (ବିଏମ୍‌ଜିଏଫ୍ ଦ୍ୱାରା ସହାୟତାପ୍ରାପ୍ତ) ଦ୍ୱାରା ସଂଗୃହୀତ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଏବଂ ଅଭିଜ୍ଞତା ସବୁକୁ ଏକାଠି କରି ପ୍ରସ୍ତୁତ କରାଯାଇଛି। ଏହି ଲେଖାଟି କେବଳ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ମାର୍ଗଦର୍ଶନ ହେବ ଏବଂ ଏହି ଲେଖାଟି ପୂର୍ବ ନିର୍ଦ୍ଧାରିତ ପ୍ରଥା ଦ୍ୱାରା ପ୍ରଭାବିତ ନୁହେଁ। ବରଂ ଏହି ନିର୍ଦ୍ଦିଷ୍ଟ ବିଷୟଟିକୁ କେବଳ ଉପରୋକ୍ତ ପ୍ରକଳ୍ପରେ କିପରି କାମରେ ଲଗାଯାଇ ଅନ୍ୟ ସ୍ଥାନରେ ସମ୍ଭାବ୍ୟ ରୂପେ ଗ୍ରହଣୀୟ କରାଯିବାର ଚେଷ୍ଟା କରାଯାଇଛି, ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ।

ପରିବାର ନିୟୋଜନ ଉପରେ 'ଆଶା'ଙ୍କୁ ମାର୍ଗଦର୍ଶନ ଦେବାପାଇଁ ଏହି ଲେଖାଟି ଉଦ୍ଦିଷ୍ଟ।

tci THE CHALLENGE INITIATIVE
HEALTHY CITIES INDIA

FOR FURTHER DETAILS, PLEASE CONTACT:
POPULATION SERVICES INTERNATIONAL
C-445, Chittaranjan Park, New Delhi, Delhi 110019